## ସଂକ୍ଷେପରେ

### ବ୍ୟକ୍ତିଗତ ଜମିରେ ସରକାରୀ କାର୍ଯ୍ୟ ଅଭିଯୋଗ

ବନ୍ତଲା, ୧୧।୬(ଡି.ଏନ.ଏ.)- ଅନୁଗୋଳ ଜିଲା ବନ୍ତଲା ଥାନା ବଡକନ୍ତକୁଳ ପଞ୍ଚାୟତ ସାନକନ୍ତକୁଳ ଗ୍ରାମ ଖଡାଣି ନାଳରେ ଆଡିବନ୍ଧ ନିର୍ମାଣ କାମ ବ୍ୟକ୍ତିଗତ ଜମିରେ କରାଯାଉଥିବା ଅଭିଯୋଗ ହୋଇଛି। କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଏହି କାମ ଚାଲିଥିବାବେଳେ ଜମି ମାଲିକଙ୍କୁ ଏ ବିଷୟରେ ଜଣାଯାଇ ନ ଥିବା ପ୍ରକଳ୍ପ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟରଙ୍କଠାରେ ସୋମବାର ଅଭିଯୋଗ କରାଯାଇଛି। ପ୍ରାୟ ୨୫ ଲକ୍ଷ ଟଙ୍କା ବ୍ୟୟରେ ଚାଷ ଜମିକୁ ପାଣି ମଡାଇବା ପାଇଁ ଉକ୍ତ ଆଡିବନ୍ଧ ନିର୍ମାଣ ଚାଲିଛି। ହେଲେ ଯେଉଁ ଜାଗାରେ ଏହି କାର୍ଯ୍ୟ ହେଉଛି ତାହା ଏକ ବେସରକାରୀ ଜମି। ଜମିର ଉତ୍ତରାଧିକାରୀ ବିପିନ ବିହାରୀ ସାହୁଙ୍କ ଅଭିଯୋଗ ମୁତାବକ, ସାନକନ୍ତକୁଳ ମୌଜାର ଖାତା ନଂ. ୧୪, ପ୍ଲଟ ନଂ. ୧୯୬ ରେ ଏ .୦.୧୫ ଡେସିମିଲ ଗୋରି ଦେଈଙ୍କ ଜାଗା ରହିଛି। ଉକ୍ତ ଜାଗା ଉପରେ ଆଡିବନ୍ଧ କରାଯାଉଛି। ଜମି ମାଲିକଙ୍କୁ କୋଣସି ସୂଚନା ନ ଦେଇ କାର୍ଯ୍ୟ କରାଯାଉଛି। ତୁରନ୍ତ ଉକ୍ତ କାର୍ଯ୍ୟକୁ ବନ୍ଦ କରିବା ପାଇଁ ସେ ଦାବି କରିଛନ୍ତି। ଏ ବିଷୟରେ କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପର ସହକାରୀ ଯନ୍ତ୍ରୀ ମଙ୍ଗୁଲୁ ଚରଣ ସିଂ କୁହନ୍ତି, ରାଜସ୍ୱ ଅଧିକାରୀଙ୍କ ରିପୋର୍ଟ ଅନୁଯାୟୀ ଉକ୍ତ ସ୍ଥାନରେ କାର୍ଯ୍ୟ ଆରମ୍ଭ କରାଯାଇଛି। ଏହା ବ୍ୟକ୍ତିଗତ ଜମି ବୋଲି ଅଭିଯୋଗ ଆସିଛି। ଏହାର ସମାଧାନ କରାଯାଇ କାର୍ଯ୍ୟ କରାଯିବ।

### ମହିଳାଙ୍କୁ ଟାଙ୍ଗିଆରେ ଆକ୍ରମଣ

ବଇଣ୍ଡା,୧୧।୬(ଡି.ଏନ.ଏ.)-ଆଠମଲ୍ଲିକ ବ୍ଲକ ତାବଡ଼ା ଗ୍ରାମର ମହିଳା ଫୁଲ ବେହେରାଙ୍କୁ ସେହିଗ୍ରାମର ଜମ୍ଭେଶ୍ୱର ନାୟକ, ଯତୀନ ନାୟକ ଓ ଚାନ୍ଦି ନାୟକ ଟାଙ୍ଗିଆରେ ଆକ୍ରମଣ କରିଥିବା ମଙ୍ଗଳବାର ଠାକୁରଗଡ଼ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ. ୫୦/୧୯ରେ ଏକ ମାମଲା ରୁଜୁ କରିଛି।

ପୋଲିସ କହିଛି, ଫୁଲଙ୍କ ଏକ ଜମିରେ ଚାନ୍ଦିଙ୍କ ପରିବାର ଲୋକ ଜୋରଜବରଦସ୍ତ ଏକ ଘର ନିର୍ମାଣ କରିଥିଲେ। ଏହାକୁ ନେଇ ଫୁଲ ପ୍ରତିବାଦ କରିବାରୁ ଚାନ୍ଦି ଉତ୍‌କ୍ଷିପ୍ତ ହୋଇ ଗଣ୍ଡଗୋଳ କରିଥିଲେ। ପରେ ଜମ୍ଭେଶ୍ୱର ଓ ଯତୀନ ଏକ ଟାଙ୍ଗିଆରେ ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ହୋଲ୍ଡିଂ ଟ୍ୟାକ୍ସ ଆଦାୟରେ ରେକର୍ଡ

ଅନୁଗୋଳ ଅଫିସ, ୧୧।୬- ଅନୁଗୋଳ ପୌରପାଳିକା ଚଳିତ ବର୍ଷ ହୋଲ୍ଡିଂ ଟ୍ୟାକ୍ସ ଆଦାୟରେ ସର୍ବକାଳୀନ ରେକର୍ଡ କରିଛି। ପୌରପାଳିକାକୁ ୩ କୋଟି ୬୦ ଲକ୍ଷ ଟଙ୍କା ଟାର୍ଗେଟ ଦିଆଯାଇଥିବାବେଳେ ଏଥିରୁ ୯୨ ପ୍ରତିଶତ ଆଦାୟ ହୋଇଥିବା ପୌରନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନା ସୂଚନା ଦେଇଛନ୍ତି। ପୌରପାଳିକା ଚଳିତ ହୋଲ୍ଡିଂ ଟ୍ୟାକ୍ସ ବାବଦକୁ ୩ କୋଟି ୨୮ ଲକ୍ଷ ଟଙ୍କା ଆଦାୟ କରିଛି। ୧୯୮୨ ମସିହାଠାରୁ ଅଦ୍ୟାବଧି ବକେୟା ଥିବା ଟଙ୍କା ଆଦାୟ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ସରକାରୀ ଅଫିସ୍‌ଗୁଡ଼ିକରୁ ବକେୟା ହୋଲ୍ଡିଂ ଟ୍ୟାକ୍ସ ଆଦାୟ ହୋଇପାରି ନ ଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି।

### ଟ୍ୟାଙ୍କର ପାଣିକୁ ନେଇ ତାଳଚେରବାସୀଙ୍କ ସନ୍ଦେହ

# ତଥ୍ୟରେ ବଳକା, ତଥାପି ସଙ୍କଟ କେମିତି

(ମନୋଜ ନନ୍ଦ)
ତାଳଚେର, ୧୧।୬

- ଜଳ ଯୋଗାଣ ହିସାବରେ ନାହିଁ ତାଳମେଳ
- ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୦.୧୭ ଏମ୍‌ଏଲ୍‌ଡି କମ୍ ଯୋଗାଣ
- ପ୍ରଶାସନ ଟ୍ୟାଙ୍କର ଯୋଗେ ଦେଉଛି ୦.୮୦ ଏମ୍‌ଏଲ୍‌ଡି
- ଆବଶ୍ୟକତା ମେଣ୍ଟି ବଳିପଡ଼ିବା କଥା ୦.୬୩ ଏମ୍‌ଏଲ୍‌ଡି

୨୦୧୧ ଜନଗଣନା ଅନୁଯାୟୀ ତାଳଚେର ସହରର ଲୋକସଂଖ୍ୟା ୪୦ ହଜାର ୮୪୧। ବର୍ତ୍ତମାନର ସ୍ଥିତି ଓ ବାହାର ଲୋକଙ୍କୁ ହିସାବକୁ ନେଲେ ଏହା ପ୍ରାୟ ୫୦ ହଜାର ହେବ। ଜନସ୍ୱାସ୍ଥ୍ୟ ବିଭାଗର ହିସାବ କହୁଛି ଏହି ପୌରାଞ୍ଚଳବାସୀଙ୍କ ନିମନ୍ତେ ଦୈନିକ ୭.୧୭ ଏମ୍‌ଏଲ୍‌ଡି (ମିଲିୟନ ଲିଟର ପର ଡେ) ଜଳ ଆବଶ୍ୟକ। କିନ୍ତୁ ବିଭାଗ ୦.୧୭ ଏମ୍‌ଏଲ୍‌ଡି କମ୍ ଅର୍ଥାତ୍ ୭ ଏମ୍‌ଏଲ୍‌ଡି ଯୋଗାଣ କରୁଛି। ସେହିପରି ପ୍ରଶାସନ ପକ୍ଷରୁ ଏମ୍‌ସିଏଲ୍ ଅର୍ଥରେ ୦.୮୦ ଏମ୍‌ଏଲ୍‌ଡି ଜଳ ଟ୍ୟାଙ୍କର ଯୋଗେ ଯୋଗାଇ ଦିଆଯାଉଥିବା କୁହାଯାଉଛି। ତେଣୁ ତାଳଚେରବାସୀ ୦.୬୩ ଏମ୍‌ଏଲ୍‌ଡି ଜଳ ଅଧିକ ପାଉଥିବା ଉପରୋକ୍ତ ତଥ୍ୟରୁ ସ୍ପଷ୍ଟ ହେଉଛି। ହେଲେ ଏପରି ସ୍ଥିତିରେ ପୌରାଞ୍ଚଳରେ ଦୈନିକ ଜଳାଭାବ କେମିତି ଦେଖାଦେଉଛି ତାହା ବୁଝିପାରୁନାହାନ୍ତି ସହରବାସୀ। ପ୍ରଶାସନ ତଥ୍ୟରେ ତାଳମେଳ ଅଭାବ ଜଳ ଜଳ ଦିଶୁଥିବା ବେଳେ ଟ୍ୟାଙ୍କର ପାଣିର ଠିକ୍‌ଣା ଯୋଗାଣ ନେଇ ସେମାନେ ସନ୍ଦେହରେ ପଡ଼ିଛନ୍ତି।

ମିଳିଥିବା ତଥ୍ୟ ଅନୁଯାୟୀ, ତାଳଚେର ପୌରାଞ୍ଚଳର ୨୧ ୱାର୍ଡରେ ଜନସ୍ୱାସ୍ଥ୍ୟ ବିଭାଗର ୩ ହଜାର କଞ୍ଜୁମର ଅଛନ୍ତି। ସେମାନଙ୍କ ବ୍ୟତୀତ ୧୮୫ଟି ଷ୍ଟାଣ୍ଡପୋଷ୍ଟ ମାଧ୍ୟମରେ ଜଳ ଯୋଗାଣ ହେଉଛି। ସହରକୁ ବିଶୁଦ୍ଧ ପାଣି ଯୋଗାଇ ଦେବାକୁ ବ୍ରାହ୍ମଣୀ ନଦୀ କୂଳରେ ବିଭାଗର ପମ୍ପହାଉସ ସହ ଜଳ ବିଶୋଧାନଗାର ଓ ଇନ୍‌ଟେକ ୱେଲ ରହିଛି। ୫ ନମ୍ବର ଇନ୍‌ଟେକ ୱେଲରେ ସ୍ୱରେଜ ବୋର୍ଡର ଦୂଷିତ ଜଳ ସିଧାସଳଖ ମିଶୁଥିବାରୁ ତାହାକୁ ବନ୍ଦ ରଖାଯାଇଛି। କେବଳ ୪ ନମ୍ବର ଇନ୍‌ଟେକ ୱେଲରୁ ଜଳଯୋଗାଣ କରାଯାଉଛି। ଏଥିପାଇଁ ପମ୍ପଗୁଡିକ ଦୈନିକ ୧୬ରୁ ୧୮ ଘଣ୍ଟା ଚଳାଯାଉଛି। କେତେକ ଅଞ୍ଚଳକୁ ୨ଥର ଜଳଯୋଗାଣ ହେଉଥିବା ବେଳେ ଜଳାଭାବରୁ ବାଘୁଆବୋଲ ଅଞ୍ଚଳକୁ ଥରୁଟିଏ ଯୋଗାଣ କରାଯାଉଛି। ୨୦ ନମ୍ବର ୱାର୍ଡର କୁଷ୍ଠାଶ୍ରମ, ହରିଜନ ସାହି, ହାଣ୍ଡିଧୂଆଁ, ଗଣେଶବିହାର, ହାଣ୍ଡିଧୂଆ ତେଲିସାହି, ଡିମରଗୁଡି ସାହିକୁ ପାଇପ୍ ଯୋଗେ ଜଳଯୋଗାଣ ହେଉ ନାହିଁ। ଏ ସବୁ ସ୍ଥାନରେ ୧ ହଜାର ଲିଟର ବିଶିଷ୍ଟ ସିନଟେକ୍ସ ଟାଙ୍କି ସ୍ଥାପନ କରାଯାଇଛି। କୁଷ୍ଠାଶ୍ରମରେ ୨, ହରିଜନ ସାହି ୨, ଦେଉଳବେଡାରେ ୧, ଡିମରଗୁଡିରେ ୪, ରେମୁଆଁ ୫, ଚାଉଳିଆକୁତାରେ ୨, ୪ ନମ୍ବର ୱାର୍ଡ ସିଂହସାହିରେ ୪ଟି ସିନଟେକ୍ସ ଟାଙ୍କି ବସାଯାଇଛି। ପ୍ରତିଦିନ ଜନସ୍ୱାସ୍ଥ୍ୟ ବିଭାଗର ଟ୍ୟାଙ୍କର ସେଠାରେ ପାଣି ଦେଇ ଆସୁଛି।

ସେହିପରି ପ୍ରତିବର୍ଷ ଖରାଦିନେ ସହରବାସୀଙ୍କୁ ଜଳାଭାବରୁ ରକ୍ଷା କରିବା ଲାଗି ପ୍ରଶାସନ ପକ୍ଷରୁ ୨୧ଟି ୱାର୍ଡକୁ ୧୦୦ ଟ୍ରିପ୍ (୮ ହଜାର ଲିଟର ବିଶିଷ୍ଟ ଟ୍ରକ୍ ଯୋଗେ) ପାଣି ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି। କେଉଁ ୱାର୍ଡକୁ କେତେ ପାଣି ଦରକାର ତାହା ସ୍ଥିର କରାଯାଇଛି। ଏମ୍‌ସିଏଲ୍‌ର ଲିଙ୍ଗରାଜ ଏରିଆ ଏଥିପାଇଁ ପ୍ରତିବର୍ଷ ୭୦ରୁ ୮୦ ଲକ୍ଷ ଟଙ୍କା ପୌର ପରିଷଦକୁ ଦେଉଛି। ପୌର ପରିଷଦ ଟେଣ୍ଡର କରି ଜଳଯୋଗାଣ ବ୍ୟବସ୍ଥା କରୁଛି। ଚଳିତବର୍ଷ ମଧ୍ୟ ଦୈନିକ ୧୦୦ ଟ୍ରିପ୍ ଜଳ ଯୋଗାଇ ଦିଆଯାଉଥିବା କୁହାଯାଉଛି। ଯଦି ଜନସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନ ପକ୍ଷରୁ ପାଣି ଯୋଗାଣ ଠିକ୍ ଭାବେ ହେଉଛି ତା'ହେଲେ ପୌରାଞ୍ଚଳରେ ଜଳ ସମସ୍ୟା କିପରି ଦେଖାଦେଉଛି ତାହା ବୁଝିପାରୁନାହାନ୍ତି ୱାର୍ଡବାସୀ। ବିଶେଷକରି ଯୋଗାଣ ହେଉଥିବା ଟ୍ୟାଙ୍କର ପାଣି କୁଆଡେ ଯାଉଛି ତାହାକୁ ନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି। ଉଭୟ ବିଭାଗର ହିସାବରେ ତାଳମେଳ ରହୁ ନ ଥିବାରୁ ପାଣି ଯୋଗାଣ ନାଁରେ ଯୋଜନାବଦ୍ଧ ଭାବେ ଏକ ର୍‌ୟାକେଟ୍ ଜରିଆରେ ଅର୍ଥ ହରିଲୁଟ୍ କରାଯାଉଥିବା ସାଧାରଣରେ ଅଭିଯୋଗ ହେଉଛି।

ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗ ଜେଇ ଜଳେନ୍ଦ୍ର ଦେବତା କହିଛନ୍ତି, ଆବଶ୍ୟକ ମୁତାବକ ପାଣି ଯୋଗାଣ କରାଯାଉଛି। ଯେଉଁ ସ୍ଥାନରେ ଅଭାବ ରହିଛି, ସେଠାକୁ ଟ୍ୟାଙ୍କର ପଠାଯାଉଛି। ପୌର ପରିଷଦ ନିର୍ବାହୀ ଅଧିକାରୀ ଅତସୀ ପରିଡ଼ା କହିଛନ୍ତି, ପ୍ରତିଦିନ ପ୍ରାୟ ୧ ଶହ ଟ୍ୟାଙ୍କର ଯୋଗେ ଜଳ ଯୋଗାଇ ଦିଆଯାଉଛି। ଯେଉଁଠାରେ ପାଣିର ଅଧିକ ଅଭାବ ପରିଲକ୍ଷିତ ହେଉଛି ସେହି ଅଞ୍ଚଳକୁ ବେଶୀ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ଏମ୍‌ସିଏଲ୍ ବର୍ଷକୁ ପ୍ରାୟ ୭୦ରୁ ୮୦ ଲକ୍ଷ ଟଙ୍କା ଦେଉଛି ବୋଲି ପରିଡ଼ା ପ୍ରକାଶ କରିଛନ୍ତି।



ଜନସ୍ୱାସ୍ଥ୍ୟ ବିଭାଗ ପମ୍ପ ହାଉସରୁ ଟ୍ୟାଙ୍କରରେ ପାଣି ନିଆଯାଉଛି।



QUANTITY OF WATER TO BE SUPPLIED TO TALCHER MUNICIPALITY AREA BY LINGARAJ AREA, M.C.L. TALCHER FOR THE YEAR - 2019

| NAME OF THE WARD | QUANTITY OF WATER PER DAY |
|---|---|
| Ward No.1 | 3 Trips |
| Ward No.2 | 3 Trips |
| Ward No.3 | 3 Trips |
| Ward No.4 | 4 Trips |
| Ward No.5 | 3 Trips |
| Ward No.6 | 3 Trips |
| Ward No.7 | 2 Trips |
| Ward No.9 | 3 Trips |
| Ward No.10 | 5 Trips |
| Ward No.11 | 5 Trips |
| Ward No.12 | 8 Trips |
| Ward No.13 | 10 Trips |
| Ward No.14 | 2 Trips |
| Ward No.15 | 8 Trips |
| Ward No.16 | 6 Trips |
| Ward No.17 | 4 Trips |
| Ward No.18 | 8 Trips |
| Ward No.19 | 2 Trips |
| Ward No.20 | 8 Trips |
| Ward No.21 | 10 Trips |
| TOTAL | 100 Trips |

Executive Officer
Talcher Municipality

Sub-Collector,Talcher

ଜଳ ଯୋଗାଣ ସମ୍ପର୍କିତ ପ୍ରଶାସନ ଚିଠିର ନକଲ।

## ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଘରୋଇକରଣର ପ୍ରତିବାଦ

ଅନୁଗୋଳ ଅଫିସ, ୧୧।୬

ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନବରତ୍ନ ନାଲ୍‌କୋ ସମେତ ୫୦ଟି ସରକାରୀ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାରକୁ ବିରୋଧ କରି ମଙ୍ଗଳବାର କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଟ୍ରେଡ୍ ୟୁନିୟନ୍ ସେଣ୍ଟର (ଏଆଇୟୁଟିୟୁସି) ପକ୍ଷରୁ ନାଲ୍‌କୋ ମେନ୍‌ଗେଟ୍ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ସମ୍ପାଦକ ବ୍ରଜବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏଆଇୟୁଟିୟୁସି ରାଜ୍ୟ ଉପସଭାପତି ଭିକାରୀ ପ୍ରଧାନ, ଜିଲା ସଭାପତି ପ୍ରହ୍ଲାଦ ଚନ୍ଦ୍ର ସାହୁ, ଜିଲା ସମ୍ପାଦକମଣ୍ଡଳୀ ସଭ୍ୟ ତୀର୍ଥବାସୀ ଭୋଇ, ଟୁନା ନାଏକ, ଦୁଃଖିଶ୍ୟାମ ମଲ୍ଲିକ, ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଜିଲା କମିଟି ସଭ୍ୟ ନବକିଶୋର ପ୍ରଧାନ, ସଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ସରକାର ଲାଭଦାୟକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍‌କୋ, ଏନ୍‌ଟିପିସି, ଏମ୍‌ସିଏଲ୍ ସମେତ ୫୦ଟି ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର କରି ଘରୋଇକରଣ କରିବା ପାଇଁ ୧୦୦ ଦିନର ଏଜେଣ୍ଡାରେ ଘୋଷଣା କରିଛନ୍ତି। ଲାଭଦାୟକ ନାଲ୍‌କୋ ଘରୋଇକରଣ କରାଗଲେ ଉଭୟ ସରକାର ହଜାର ହଜାର କୋଟି ଟଙ୍କା ରାଜସ୍ୱ ହରାଇବା ସହିତ କାର୍ଯ୍ୟରତ ସ୍ଥାୟୀ ଓ ଠିକା ଶ୍ରମିକ କର୍ମଚାରୀଙ୍କ ଚାକିରିର ନିରାପତ୍ତା ଚାଲିଯିବ ବୋଲି ସଙ୍ଗଠନ ପକ୍ଷରୁ ଅଭିଯୋଗ ହୋଇଛି। ଏହାକୁ ବିରୋଧ କରି ନାଲ୍‌କୋର ସମସ୍ତ ଶ୍ରମିକ, କର୍ମଚାରୀ, ଅଧିକାରୀ ଓ ସ୍ଥାନୀୟ ଜନସାଧାରଣ ସମ୍ମିଳିତ ଭାବେ ଗଣଆନ୍ଦୋଳନ କରିବାକୁ ଅଲ୍ ଇଣ୍ଡିଆ ଏଆଇୟୁଟିୟୁସି ପକ୍ଷରୁ ଆହ୍ୱାନ ଦିଆଯାଇଛି।

## ରୋଟାରି ରୟାଲର ସ୍ଥାପନା ଦିବସ



ଅନୁଗୋଳ ଅଫିସ, ୧୧।୬

ଅନୁଗୋଳ ରୋଟାରି ରୟାଲ କ୍ଲବର ସ୍ଥାପନା ଦିବସ ସ୍ଥାନୀୟ ଏକ ହୋଟେଲରେ ପାଳିତ ହୋଇଯାଇଛି। କ୍ଲବ ସଭାପତି ଡ. ପ୍ରଭାତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଉପଦେଷ୍ଟା ନିରଦାନନ୍ଦ ନନ୍ଦ ଓ ତୃପ୍ତି ନନ୍ଦ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରଶାସନ ସହିତ ମିଳିମିଶି ସ୍ଥାନୀୟ ସମାଜର ଉନ୍ନତି ନିମନ୍ତେ ସାମିଲ ହୋଇ କ୍ଲବକୁ ଆଗକୁ ନେବା ପାଇଁ ସଭାପତି ସମସ୍ତଙ୍କୁ ଆହ୍ୱାନ କରିଥିଲେ। ସମ୍ପାଦକ ହରଗୋବିନ୍ଦ ମହାପାତ୍ର ଓ ବିଶ୍ୱଜିତ ପଟ୍ଟନାୟକ ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ଶଶାଙ୍କ ଶେଖର ସାହୁ, କନ୍ହେଲାଲ ଚୌଧୁରୀ, କୈଳାସ ଚନ୍ଦ୍ର ଅଗ୍ରୱାଲଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଡ. ବିଚ୍ଛନ୍ଦ ପ୍ରଧାନ, ଡ. ବିଶ୍ୱଜିତ ସାମଲ, ମୁରାରିଲାଲ ଅଗ୍ରୱାଲ, ଅଶୋକ ମାଣ୍ଡୋଠିଆ, ଅନିଲ ଗୁପ୍ତା, ରାଜେଶ ସରଳିଆ, ସୁମିତ କୁମାର, ପ୍ରକାଶ ଅଗ୍ରୱାଲ, ଜୟପ୍ରକାଶ ମୋଦୀ, ମେହମୁଦ ହୁସେନ, ବିକାଶ ମୋଦି ପ୍ରମୁଖ ଉପସ୍ଥିତ ଥିଲେ। ମଧୁ ଗୁପ୍ତା ଓ ଅମ୍ବିକା ପ୍ରସାଦ ସାହୁ ସମାରୋହ ପରିଚାଳନା କରିଥିଲେ। ଡ. ମାଇକେଲ ଜନ ଧନ୍ୟବାଦ ଦେଇଥିଲେ।

## ନାବାଳକଙ୍କୁ ହତ୍ୟା ଉଦ୍ୟମ

ଅନୁଗୋଳ ଅଫିସ, ୧୧।୬

ଅନୁଗୋଳ ମଦନମୋହନପଡ଼ାରେ ପିଲାକଳିକୁ କେନ୍ଦ୍ରକରି ଅଭାବନୀୟ ଘଟଣା ଘଟିଛି। ଜଣେ ନାବାଳକଙ୍କୁ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ପୋଲିସ ସ୍ୱାମୀ ସ୍ତ୍ରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ନଂ. ୪୧୯/୧୯ରେ ମାମଲା ରୁଜୁ ହୋଇଛି।

ଅଭିଯୋଗ ମୁତାବକ, ମଦନମୋହନପଡାର ଆଶୁତୋଷ ମହାନ୍ତି ବାରଣ୍ଡାରେ ପାଠ ପଢୁଥିବାବେଳେ ସବନମ ବେଗମ୍ ଓ ନସିମ୍ ଅହମ୍ମଦଙ୍କ ପୁଅ ତାଙ୍କୁ କିଛି କମେଣ୍ଟ କରିଥିଲେ। ଆଶୁତୋଷ ଏହାର ଜବାବ ଦେବାରୁ ସବନମ ଓ ନସିମ୍ ସେଠାକୁ ଆସି ଆଶୁତୋଷଙ୍କ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ଆଶୁତୋଷଙ୍କୁ ଉଦ୍ଧାର କରିଥିଲେ। ନାବାଳକଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେ ସୁସ୍ଥ ଥିବା ଜଣାପଡିଛି। ଘଟଣାରେ ପୋଲିସ ସବନମ ଓ ନସିମ୍‌ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ୨୩ ଭିତରେ ଖର୍ଚ୍ଚ ତାଲିକା ଦେବେ ପ୍ରାର୍ଥୀ

ଅନୁଗୋଳ ଅଫିସ, ୧୧।୬

ଚଳିତ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ପ୍ରାର୍ଥୀ ଓ ସମ୍ପୃକ୍ତ ରାଜନୈତିକ ଦଳର ଏଜେଣ୍ଟ, ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଏବଂ ଖର୍ଚ୍ଚ ତଦାରଖ ଦଳଙ୍କୁ ନେଇ ଏକ ଦିନିକିଆ ତାଲିମ କାର୍ଯ୍ୟକ୍ରମ ମଙ୍ଗଳବାର ପୂର୍ବାହ୍ନରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲାପାଳ ମନୋଜ କୁମାର ମହାନ୍ତି ଅଧ୍ୟକ୍ଷତା କରି ନିର୍ବାଚନ ସମୟରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ପ୍ରାର୍ଥୀମାନେ ସେମାନଙ୍କ ଖର୍ଚ୍ଚ ହିସାବର ଠିକ୍ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାର୍ଥୀମାନେ ନିର୍ଦ୍ଧାରିତ ଖର୍ଚ୍ଚର ସୀମା ମଧ୍ୟରେ ରହି ନିର୍ବାଚନ ଖର୍ଚ୍ଚ ରେଜିଷ୍ଟରକୁ ଠିକ୍ ଭାବେ ପରିଚାଳନା କରିଛନ୍ତି କି ନାହିଁ ଜିଲାପାଳ ତାହାର ସମୀକ୍ଷା କରିଥିଲେ।

କାର୍ଯ୍ୟକ୍ରମରେ ସାଧନ କର୍ମୀ ଭାବେ ବାଣିଜ୍ୟକର ବିଭାଗର ଡେପୁଟି କମିଶନର ଦୀପକ କୁମାର ପଣ୍ଡା ଓ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଅବିନାଶ ମହାନ୍ତି ନିର୍ବାଚନ ଖର୍ଚ୍ଚର ପରିଚାଳନା ଏବଂ ହିସାବ ଠିକ୍ ଭାବେ ରେଜିଷ୍ଟରରେ ଲିପିବଦ୍ଧ କରିବା ଉପରେ ଆଲୋକପାତ କରିଥିଲେ। ନିର୍ବାଚନ ସମୟରେ ପ୍ରାର୍ଥୀମାନଙ୍କ ଦ୍ୱାରା ତାରକା ପ୍ରଚାରକ, ସଭା ସମିତି, ଶୋଭାଯାତ୍ରା, ଡିଜିଟାଲ ଟିଭି ପ୍ରଦର୍ଶିତ, ମନୋରଞ୍ଜନ କାର୍ଯ୍ୟକ୍ରମ, ପଥପ୍ରାନ୍ତ ନାଟକ, ହେଲିକପ୍ଟର ଓ ବୋଟ ବ୍ୟବହାର, ସେଲିବ୍ରିଟି ଶୋ, ଜେନେରେଟର, ନିରାପତ୍ତା, ହୋଟେଲ ଓ ଘରଭଡ଼ା ଆଦି ବିଭିନ୍ନ ବାବଦରେ ହୋଇଥିବା ଖର୍ଚ୍ଚକୁ କିପରି ରେଜିଷ୍ଟରରେ ଦର୍ଶାଇବେ ସେ ସମ୍ପର୍କରେ ସାଧନକର୍ମୀମାନେ ବିସ୍ତୃତ ଭାବେ ବୁଝାଇଥିଲେ। ନିର୍ବାଚନ କମିଶନଙ୍କ ନିୟମାବଳୀ ଅନୁଯାୟୀ ପ୍ରତିଦ୍ୱନ୍ଦ୍ୱିତା କରିଥିବା ପ୍ରାର୍ଥୀମାନେ ସେମାନଙ୍କ ନିର୍ବାଚନ ସଂକ୍ରାନ୍ତୀୟ ଖର୍ଚ୍ଚର ହିସାବ ନିର୍ବାଚନ ଫଳାଫଳ ଘୋଷଣାର ୩୦ ଦିନ ଅର୍ଥାତ ଚଳିତ ମାସ ୨୩ ତାରିଖ ସୁଦ୍ଧା ଜିଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରିବେ। ପ୍ରାର୍ଥୀମାନେ ନିଜ ଅର୍ଥ, ରାଜନୈତିକ ଦଳର ଅର୍ଥ ଓ ଦାନସୂତ୍ରରୁ କେତେ ଅର୍ଥ ପାଇଲେ ଏବଂ ଖର୍ଚ୍ଚ କଲେ ତା'ର ଭାଉଚର ସହ ବ୍ୟାଙ୍କର ବିବରଣୀ ଦାଖଲ କରିବେ।

ସୂଚନାଯୋଗ୍ୟ, ନିର୍ବାଚନରେ ବିଧାୟକ ପ୍ରାର୍ଥୀମାନେ ୨୮ ଲକ୍ଷ ଓ ଏମ୍‌ପି ପ୍ରାର୍ଥୀମାନେ ୭୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବାର ନିୟମ ଥିଲା। ଏହି ତାଲିମ କାର୍ଯ୍ୟକ୍ରମରେ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟାଲୋଚନା କମିଟିର ନୋଡାଲ ଅଫିସର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ପାଲଲହଡ଼ା ଉପଜିଲାପାଳ ଅଜିତ କୁମାର ପ୍ରଧାନ, ଡେପୁଟି କଲେକ୍ଟର (ନିର୍ବାଚନ) ଲମ୍ବୋଦର ମାରାଣ୍ଡି, ଡେପୁଟି କଲେକ୍ଟର ବୈତୁରା ଦୀପଙ୍କ ସମେତ ପ୍ରତିଦ୍ୱନ୍ଦ୍ୱିତା କରିଥିବା ପ୍ରାର୍ଥୀ, ବିଭିନ୍ନ ରାଜନୈତିକ ଦଳର ଏଜେଣ୍ଟ, ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଓ ଆକାଉଣ୍ଟ ଟିମ୍‌ର ସଦସ୍ୟମାନେ ଯୋଗଦେଇଥିଲେ।

## ଡମ୍ପିଂୟାର୍ଡ ପ୍ରକଳ୍ପ ବୁଲିଲେ ଜିଲାପାଳ

ଅନୁଗୋଳ ଅଫିସ, ୧୧।୬

**ଜନ ପ୍ରତିନିଧି, ଲୋକଙ୍କ ସହ ହେବ ଆଲୋଚନା**

ଅନୁଗୋଳ ସହରର ପ୍ରସ୍ତାବିତ ଡମ୍ପିଂୟାର୍ଡ ସ୍ଥାନ କୁଶାସିଂହାକୁ ମଙ୍ଗଳବାର ଜିଲାପାଳ ମନୋଜ କୁମାର ମହାନ୍ତି ପରିଦର୍ଶନ କରିଛନ୍ତି। ଡମ୍ପିଂୟାର୍ଡ ନିର୍ମାଣରେ କେଉଁଠି ସମସ୍ୟା ରହିଛି ସେ ସମ୍ପର୍କରେ ପ୍ରଶାସନିକ ଅଧିକାରୀ, ପୌର କର୍ତ୍ତୃପକ୍ଷଙ୍କଠାରୁ ପଚାରି ବୁଝିଛନ୍ତି। ବିରୋଧ ଯୋଗୁ ଉକ୍ତ ସ୍ଥାନରେ ନିର୍ମାଣ କାର୍ଯ୍ୟ ବନ୍ଦ ଥିବା ଅଧିକାରୀମାନେ ଜିଲାପାଳଙ୍କୁ ଅବଗତ କରାଇଛନ୍ତି। ସ୍ଥାନୀୟ ଲୋକଙ୍କ ସହ ଜନ ପ୍ରତିନିଧିଙ୍କୁ ଡକାଯାଇ ପ୍ରସ୍ତାବିତ ସ୍ଥାନରେ କାର୍ଯ୍ୟ କରିବାକୁ ଆଲୋଚନା କରାଯିବ ବୋଲି ଜିଲାପାଳ କହିଛନ୍ତି। ଏଥିସହ ଡମ୍ପିଂୟାର୍ଡ ହେଲେ ଅଞ୍ଚଳରେ କୌଣସି ସମସ୍ୟା ହେବ ନାହିଁ। ବରଂ ରାସ୍ତାଘାଟର ଉନ୍ନତି ସହ ଅଞ୍ଚଳ ବିକାଶ ଧାରାରେ ସାମିଲ ହେବ ବୋଲି ସେ କହିଛନ୍ତି।

ଜିଲାପାଳଙ୍କ ସହ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ସଂସ୍ଥାର ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଉପଜିଲାପାଳ ବାସୁଦେବ ଶତପଥୀ, ପୌରନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନା କୁଶାସିଂହାସ୍ଥିତ ଡମ୍ପିଂୟାର୍ଡ ପରିଦର୍ଶନରେ ଯାଇଥିଲେ। ସେଠାରେ ଅଞ୍ଚଳ ବୁଲିଦେଖିବା ସହ ପ୍ରକଳ୍ପ କାର୍ଯ୍ୟକୁ କିପରି କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ ସୋମବାର ଜିଲାର ଦୁଇଟି ପୌରପାଳିକା ଓ ଗୋଟିଏ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀଙ୍କ ସହ ଉପଜିଲାପାଳ ଏକ ବୈଠକ କରିଥିଲେ। ବୈଠକରେ କିପରି ୱେଷ୍ଟ ମ୍ୟାନେଜମେଣ୍ଟ ବ୍ୟବସ୍ଥା ଚାଲିଛି ତାର ସମୀକ୍ଷା କରାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦରେ କେତୋଟି କମ୍ପୋଷ୍ଟ ପିଟ କାର୍ଯ୍ୟ କେତେ ଦୂର ଯାଇଛି ତାହାର ମଧ୍ୟ ସମୀକ୍ଷା କରାଯାଇଥିଲା। ସହର ସୁସ୍ଥ ଓ ପରିଷ୍କାର ରଖିବାକୁ ମଧ୍ୟ ଜିଲାପାଳ ଆଲୋଚନା କରିଥିଲେ। ଘର ଘର ବୁଲି ଅଳିଆ ସଂଗ୍ରହ କାର୍ଯ୍ୟଠାରୁ ଜିଲାର ପ୍ରତ୍ୟେକ ସହରରେ କିପରି ସଫେଇ ଚାଲିଛି ସେ ନେଇ ଜିଲାପାଳ ସମୀକ୍ଷା କରିଥିଲେ। ସହରଗୁଡ଼ିକରେ ପ୍ଲାଷ୍ଟିକ ମ୍ୟାନେଜମେଣ୍ଟ ଠିକ୍ ଭାବେ କରାଯାଉଛି କି ନାହିଁ ବିଭିନ୍ନ ପୌର ଓ ବିଜ୍ଞାପିତ ଅଧିକାରୀଙ୍କଠାରୁ ପଚାରି ବୁଝିଥିଲେ।

## ଗୋଦାମ ସିଲ୍, ପରୀକ୍ଷା ପାଇଁ ଗଲା ତେଲ

ଅନୁଗୋଳ ଅଫିସ, ୧୧।୬

ଅନୁଗୋଳ ସହର ଉପକଣ୍ଠରେ ଚୋରା ତେଲ କାରବାର ନେଇ ଜିଲା ପ୍ରଶାସନ ପକ୍ଷରୁ ଗତ ଶୁକ୍ରବାର ପଞ୍ଚମହଲାରୁ ଶରଧାପୁର ରାସ୍ତା ମଝିରେ ଏକ ଘରୋଇ ଗୋଦାମରେ ଚଢ଼ାଉ କରାଯାଇଥିଲା। ତନାଘନା କରିବା ପରେ ଉକ୍ତ ଘରେ ୧୫ ଶହ ଟନ୍ ରିଫାଇନ ତେଲ ଥିବା ପ୍ରଶାସନ ଜାଣିବାକୁ ପାଇଥିଲା। ମଙ୍ଗଳବାର ଉକ୍ତ ଗୋଦାମକୁ ଜଉମୁଦା ଦିଆଯାଇ ସିଲ୍ କରାଯାଇଛି। ଏଥିସହ ଦୁଇଟି ତେଲ ଟିଣରୁ ନମୁନା ସଂଗ୍ରହ କରାଯାଇ ରାଜ୍ୟ ପରୀକ୍ଷଣ କେନ୍ଦ୍ରକୁ ପଠାଯାଇଥିବା ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ ସୂଚନା ଦେଇଛନ୍ତି। ଉପଜିଲାପାଳଙ୍କ ନିର୍ଦ୍ଦେଶରେ ଅନୁଗୋଳ ତହସିଲଦାର ବିଚିତ୍ରାନନ୍ଦ ନାୟକଙ୍କ ନେତୃତ୍ୱରେ ଯୋଗାଣ ବିଭାଗ ଅଧିକାରୀ, ଓଜନ ଓ ମାନଦଣ୍ଡ ଇନ୍ସପେକ୍ଟର, ଖାଦ୍ୟ ସୁରକ୍ଷା ଅଧିକାରୀ, ପୋଲିସ ଏହି ନମୁନା ସଂଗ୍ରହ କରିଛନ୍ତି। ନମୁନା ପରୀକ୍ଷା ହୋଇ ଆସିଲା ପରେ ସମ୍ପୃକ୍ତ ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ପତ୍ର ହଲିଲେ ବିଜୁଳି ଛୁ

ଅନୁଗୋଳ ଅଫିସ, ୧୧।୬

- ଲୋ ଭୋଲଟେଜରେ ବୁଲୁନି ପଙ୍ଖା
- ମେଡିକାଲ ବାରଣ୍ଡାରେ ରୋଗୀ
- ବ୍ୟାଙ୍କରେ ବି ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ରହୁନି
- ଫୋନ ଉଠାଉ ନାହାନ୍ତି ବିଭାଗୀୟ କର୍ମଚାରୀ

ତତଲା କଡେଇରେ ପରିଣତ ହୋଇଥିବା ଅନୁଗୋଳ ଜିଲାରେ ଘୋର ବିଦ୍ୟୁତ୍ ବିଭ୍ରାଟ ଜନଜୀବନକୁ କଲବଲ କରୁଛି। ସହରରେ ଦିନକୁ ୧୦ରୁ ଊର୍ଦ୍ଧ୍ୱ ଥର ବିଦ୍ୟୁତ୍ କାଟ ହେଉଥିବାବେଳେ ଗାଁ ଗହଳିରେ ଅବସ୍ଥା ସଙ୍ଗିନ ହୋଇପଡିଛି। ନିର୍ଦ୍ଧୂମ ଖରାରେ ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ କରାଯାଉଛି। ଯେତିକି ସମୟ ରହୁଛି ଲୋ ଭୋଲଟେଜ ଯୋଗୁ ବିଜୁଳି ନ ଥିବା ଭଳି ଅବସ୍ଥା ହେଉଛି। ଏଥିରୁ ଡାକ୍ତରଖାନା, ବ୍ୟାଙ୍କ ବି ବାଦ ପଡୁନି। ସାମାନ୍ୟ ପବନରେ ବି ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ବିଗିଡିଯାଇଥିବା କହି ବିଭାଗୀୟ କର୍ମଚାରୀ ଦାୟିତ୍ୱରୁ ମୁହଁ ଫେରାଉଥିବା ଅଭିଯୋଗ ହେଉଛି। ଏପରିକି ଅଧିକାଂଶ ସମୟରେ ବିଭାଗୀୟ ଅଧିକାରୀମାନେ ଫୋନ ଉଠାଉ ନ ଥିବାରୁ ତୀବ୍ର ଜନଅସନ୍ତୋଷ ସୃଷ୍ଟି ହୋଇଛି।

ଅନୁଗୋଳ ସହର ସମେତ ଉପକଣ୍ଠରେ ବିଜୁଳି ସମସ୍ୟା ଯୋଗୁ ଲୋକଙ୍କ ଦୁର୍ଦ୍ଦଶା ବଢିଛି। ଥରେ ବିଦ୍ୟୁତ୍ କାଟ ହେଲେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଏପରି କି ସନ୍ଧ୍ୟାରେ ସାମାନ୍ୟ ପବନରେ ପତ୍ର ହଲିବାକ୍ଷଣି ହିଁ ବିଜୁଳିର ଦେଖା ମିଳୁ ନ ଥିବା କୁହାଯାଉଛି। ଫଳରେ ପ୍ରବଳ ଗରମରେ ଲୋକେ ଆଉଟୁପାଉଟୁ ହେଉଛନ୍ତି। ଡାକ୍ତରଖାନାରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି। ରୋଗୀଙ୍କୁ ସେମାନଙ୍କ ସମ୍ପର୍କୀୟ ୱାର୍ଡରୁ ବାରଣ୍ଡାକୁ ନେଇଆସୁଛନ୍ତି। ଲୋକେ ବାରମ୍ବାର ବିଭାଗୀୟ କର୍ମଚାରୀଙ୍କୁ ଫୋନ୍ କରି ନୟାନ୍ତ ହେଉଥିଲେ ମଧ୍ୟ କେହି ଫୋନ୍ ଉଠାଉ ନାହାନ୍ତି। ବିଦ୍ୟୁତ କାର୍ଯ୍ୟାଳୟକୁ ଗଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ମିଳୁନାହିଁ। ସେହିପରି ସହରସ୍ଥିତ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ବି ସମାନ ଅବସ୍ଥା। ବିଦ୍ୟୁତ୍ କାଟ ହେଲେ ଜେନେରେଟର ଲଗାଯାଉ ନ ଥିବାରୁ ପ୍ରବଳ ଗରମରେ ଉପଭୋକ୍ତାମାନେ ଲାଇନରେ ଘଣ୍ଟା ଘଣ୍ଟା ଧରି ଛିଡା ହେଉଛନ୍ତି। ବ୍ୟାଙ୍କକୁ ଆସୁଥିବା ବରିଷ୍ଠ ନାଗରିକମାନେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ଏ ସମ୍ପର୍କରେ ସେସୁର ଡେପୁଟି ମ୍ୟାନେଜର ଦୀପକ କୁମାର ବି.ଆର.ସିଂହଙ୍କୁ ପଚାରିବାରେ କହିଛନ୍ତି, ଦିନରେ ଓଭର ଲୋଡିଂ କାରଣରୁ ବିଦ୍ୟୁତ୍ ସମସ୍ୟା ଦେଖାଦେଉଛି। ଖରାଦିନରେ ଏହି ସମସ୍ୟା ଦେଖାଯିବା ସ୍ୱାଭାବିକ। ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ଝଡ଼ ତୋଫାନ ହେଉଛି। ଏଥିଯୋଗୁ ବିଭିନ୍ନ ସ୍ଥାନରେ ଗଛ ଉପୁଡିବା ସହ ଡାଳ ଭାଙ୍ଗି ବିଦ୍ୟୁତ ତାର ଉପରେ ପଡୁଛି। ମରାମତି କରି ବିଦ୍ୟୁତ ସଂଯୋଗ ଦେବାରେ ବିଳମ୍ବ ହେଉଥିବା ସେ କହିଛନ୍ତି।



ବିଦ୍ୟୁତ୍ କଟିଯାଇଥିବାରୁ ମେଡିକାଲ ବାରଣ୍ଡାରେ ରୋଗୀ।

## ଆଜି କ'ଣ କେଉଁଠି

**ଅନୁଗୋଳ**

■ଅଗ୍ନିଶମ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ସମୟ: ପୂର୍ବାହ୍ନ ୮ଟା।

## ସଂକ୍ଷେପରେ

### ବାର୍ଷିକ ପାଲା ମହୋତ୍ସବ ପ୍ରସ୍ତୁତି

**ଭୁବନ, ୧୧।୬(ଡି.ଏନ.ଏ.)**

ଭୁବନ ବ୍ଲକ ଏକତାଳି ପଞ୍ଚାୟତ ଅଧୀନ ଚନ୍ଦାର ଗ୍ରାମରେ ୩ଦିନିଆ ପାଲା ମହୋତ୍ସବ ଆୟୋଜିତ ହେବ। ଏ ନେଇ ମଙ୍ଗଳବାର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀଙ୍କ ପୀଠରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ପାଲା ମହୋତ୍ସବକୁ ୧୨ବର୍ଷ ପୂରଣ ହେଉଛି। ଏହାକୁ ଅଧିକ ଆକର୍ଷଣୀୟ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ପ୍ରତିଷ୍ଠିତ ପାଲା ଗାୟକ ସୁଧାକର ଦତ୍ତକୃଷ୍ଣପଣ୍ଡା, ଲକ୍ଷ୍ମୀଧର ଦାସ ସାଥୀ କଳାକାରଙ୍କ ସହ ପାଲା ପରିବେଷଣ କରିବେ। ଏଥିରେ ଅଞ୍ଚଳବାସୀ ସହଯୋଗ କରିବାକୁ ନିବେଦନ କରାଯାଇଛି। ଅମୂଲ୍ୟ କୁମାର ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମ୍ପାଦକ ଅନନ୍ତରାମ ନନ୍ଦ, କୋଷାଧ୍ୟକ୍ଷ ପଙ୍କଜ ସାହୁ, ବରିଷ୍ଠ କର୍ମକର୍ତ୍ତା କୃଷ୍ଣଚନ୍ଦ୍ର ସାହୁ, ନୀଳମଣି ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

### ୪୧୦୦ ଟଙ୍କା ଜରିମାନା ଆଦାୟ

**ଭୁବନ, ୧୧।୬(ଡି.ଏନ.ଏ.):**

ଭୁବନ ପୋଲିସ ପକ୍ଷରୁ ମଙ୍ଗଳବାର ଭୁଷଳ ଛକ ନିକଟରେ ଯାନବାହନ ଯାଞ୍ଚ କରାଯାଇଥିଲା। ନିୟମ ଉଲ୍ଲଂଘନ କରି ଗାଡ଼ି ଚଳାଉଥିବା ଚାଳକଙ୍କଠାରୁ ୪୧୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହ ୭ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ଏହି ଅବସରରେ ବାଇକ୍ ଆରୋହୀଙ୍କୁ ହେଲମେଟ୍, ଆବଶ୍ୟକ କାଗଜପତ୍ର, ବୀମା ସମ୍ପର୍କରେ ସଚେତନ କରାଯାଇଥିଲା। ଏଏସ୍ଆଇ କାର୍ତ୍ତିକେଶ୍ୱର ବେହେରା, ନୀଳକଣ୍ଠ ପାତ୍ରଙ୍କ ସମେତ ଥାନା କର୍ମଚାରୀମାନେ ଏଥିରେ ସାମିଲ ହୋଇଥିଲେ।

### ଛାତ୍ରଙ୍କ ଆତ୍ମହତ୍ୟା

**କାମାକ୍ଷାନଗର, ୧୧।୬(ଡି.ଏନ.ଏ.):**

ପରଜଙ୍ଗ ଥାନା କନ୍ଦରସିଙ୍ଗା ଗ୍ରାମର ୧୦ମ ଶ୍ରେଣୀ ଛାତ୍ର ଉଜ୍ଜ୍ୱଳ ତ୍ରିପାଠୀ ମଙ୍ଗଳବାର ମାତ୍ରାଧିକ ଔଷଧ ଖାଇ ଆତ୍ମହତ୍ୟା କରିଛନ୍ତି। ସେ ମାନସିକ ଭାରସାମ୍ୟ ହରାଇ ଘରେ ଥିବା ଔଷଧ ଖାଇଦେଇଥିଲେ। ବାପା ଦୀପକ ତ୍ରିପାଠୀ ତାଙ୍କୁ ଉଦ୍ଧାର କରି ପରଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ୨୦୧୮ ଏପ୍ରିଲ ୧୪ରେ ଉଜ୍ଜ୍ୱଳଙ୍କ ମା'ଙ୍କ ଆକସ୍ମିକ ମୃତ୍ୟୁ ଘଟିଥିଲା। ସେହିଦିନଠାରୁ ତାଙ୍କର ମାନସିକ ସନ୍ତୁଳନ ଠିକ୍ ନ ଥିଲା। ଏହା ହିଁ ତାଙ୍କ ଆତ୍ମହତ୍ୟାର କାରଣ ହୋଇଥାଇପାରେ ବୋଲି ପରିବାର ଲୋକ ଅନୁମାନ କରୁଛନ୍ତି। ନିଜର ଏକମାତ୍ର ପୁଅକୁ ହରାଇ ଦୀପକ ଦୁଃଖରେ ଭାଙ୍ଗିପଡ଼ିଛନ୍ତି।

■ଜନବସତି ନିକଟରେ ଗ୍ୟାସ୍ ପାଇପ ଲାଇନ୍‌କୁ ବିରୋଧ

# କାମ ବନ୍ଦ କଲେ ଗ୍ରାମବାସୀ



ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଗ୍ରାମବାସୀ।

**ଢେଙ୍କାନାଳ ଅଫିସ, ୧୧।୬**

କାମାକ୍ଷାନଗର ଉପଖଣ୍ଡ ତୁମୁସିଙ୍ଗା ଥାନା ଖୁଣ୍ଟିବାଟିଗ୍ରାମ ଦେଇ ଗେଲ୍ ଇଣ୍ଡିଆ କମ୍ପାନୀ ପକ୍ଷରୁ ଗ୍ୟାସ୍ ଲାଇନ ବିଛାଇବା ପାଇଁ ନିର୍ମାଣାଧୀନ କମ୍ପ୍ରେସର ଗୃହକୁ ବିରୋଧ କରିଛନ୍ତି ଅଞ୍ଚଳବାସୀ। ଭବିଷ୍ୟତରେ ବିପଦ ଆଶଙ୍କା ଥିବାରୁ ସେମାନେ କାର୍ଯ୍ୟ ବନ୍ଦ କରି ଏହାର ପ୍ରତିବାଦ କରିଛନ୍ତି। ଗ୍ରାମବାସୀଙ୍କ କହିବା କଥା, ଜନବସତିଠାରୁ ମାତ୍ର ୧୦୦ମିଟର ଦୂର ଗୋଚର ଭୂମିରେ କମ୍ପ୍ରେସର ଗୃହ ନିର୍ମାଣ ଚାଲିଛି। ଭବିଷ୍ୟତରେ ଦୁର୍ଘଟଣା ଘଟିବା ଆଶଙ୍କା ରହିଛି। ସମସ୍ୟା ସମ୍ପର୍କରେ ସେମାନେ ପୂର୍ବରୁ ପ୍ରଶାସନକୁ ଅବଗତ କରାଇଥିଲେ। ହେଲେ କୌଣସି ପଦକ୍ଷେପ ଗ୍ରହଣ କରାଗଲାନାହିଁ। ଏହାର ପ୍ରତିବାଦରେ ସୋମବାର ସେମାନେ ନିର୍ମାଣ କାର୍ଯ୍ୟ ବନ୍ଦ କରିଦେଇଛନ୍ତି। ଜନବସତିରୁ ଦୂରରେ ଉକ୍ତ ଗୃହ ନିର୍ମାଣ କରିବା ଲାଗି ନିର୍ଦ୍ଦେଶ ଦେବାକୁ ଅଞ୍ଚଳବାସୀ ମଙ୍ଗଳବାର ଜିଲାପାଳଙ୍କୁ ଲିଖିତ ଭାବେ ଅବଗତ କରିଛନ୍ତି। ଗ୍ରାମବାସୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏ ଦିଗରେ ଉଚିତ ପଦକ୍ଷେପ ନେବାକୁ ଗ୍ରାମ ସଭାପତି ଗୋପାଳ ଚନ୍ଦ୍ର ଦେହୁରୀ, ସମ୍ପାଦକ ଉଦ୍ଧବ ଚନ୍ଦ୍ର ବେହେରା, ୱାର୍ଡମେମ୍ବର ନିରଞ୍ଜନ ବେହେରା ପ୍ରମୁଖ ଦାବି କରିଛନ୍ତି।

■ପାଚେରି ଭୁଶୁଡ଼ି ୪ ବ୍ୟବସାୟୀଙ୍କ ମୃତ୍ୟୁ ଘଟଣା

# ଉଚ୍ଛେଦ ହେବ ବିପଦସଙ୍କୁଳ ଘର

■୧୩୩ ସିଆର୍‌ପିସି ଧାରାରେ କାର୍ଯ୍ୟାନୁଷ୍ଠାନ

■ବାଦ୍ ପଡ଼ିବନି ବ୍ୟକ୍ତିଗତ କୋଠା, ଅଟ୍ଟାଳିକା

**ଢେଙ୍କାନାଳ ଅଫିସ, ୧୧।୬**

ଅଳସୁଆ ହାଟ ନିକଟରେ ଥିବା ପରିତ୍ୟକ୍ତ ରାଇସ୍ ମିଲ ପାଚେରି ଭୁଶୁଡ଼ି ୪ଜଣ ବ୍ୟବସାୟୀଙ୍କ ମୃତ୍ୟୁ ଘଟିବା ପରେ ତତ୍ପର ହୋଇଉଠିଛି ଢେଙ୍କାନାଳ ଜିଲା ପ୍ରଶାସନ। ଭବିଷ୍ୟତରେ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନ ହୁଏ ସେ ନେଇ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଏ ନେଇ ମଙ୍ଗଳବାର ଗଣମାଧ୍ୟମକୁ ସବିଶେଷ ସୂଚନା ଦେଇଛନ୍ତି ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ।

ସହରରେ ବିପଦସଙ୍କୁଳ ଅବସ୍ଥାରେ ଥିବା ସମସ୍ତ ବ୍ୟକ୍ତିଗତ ଘର, କୋଠା, ଅଟ୍ଟାଳିକା, ସରକାରୀ କାର୍ଯ୍ୟାଳୟକୁ ସିଆରପିସିର ୧୩୩ ଧାରା ଅନୁଯାୟୀ ଭଙ୍ଗାଯିବ। ଆବଶ୍ୟକ ପଡ଼ିଲେ ଉଚ୍ଛେଦ ମଧ୍ୟ କରାଯିବ। ଏଥିଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ଏ ନେଇ କମିଟି ଗଠନ କରାଯିବ। କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ, ଜଣେ କନିଷ୍ଠଯନ୍ତ୍ରୀଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉକ୍ତ କମିଟିରେ ରହିବେ। କନିଷ୍ଠଯନ୍ତ୍ରୀ ସରଜମିନ ତଦନ୍ତ କରି ରିପୋର୍ଟ ଦେବେ। ଏହାକୁ ଆଧାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି। ଜିଲାପାଳ ଆହୁରି ମଧ୍ୟ କହିଛନ୍ତି, ଟାଉନପ୍ଲାନିଂ ନିୟମ ଅନୁଯାୟୀ ହାଟରୋଡ ନିକଟରେ ବନ୍ଦ ହୋଇପଡ଼ିଥିବା ରାଇସ୍‌ମିଲ ଉକ୍ତ ଅଞ୍ଚଳରେ ହେବା କଥା ନୁହେଁ। ଏ ସମ୍ପର୍କରେ ଅନୁଧ୍ୟାନ କରାଯାଉଛି। ୧୩୩ ସିଆରପିସି ଧାରା ମଧ୍ୟରେ ଆସିଲେ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପରିତ୍ୟକ୍ତ ରାଇସ୍ ମିଲ ମାଲିକଙ୍କ ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା କୌଣସି ସୂଚନା ମିଳିନାହିଁ। ତଥାପି ଆବଶ୍ୟକ ଅନୁସନ୍ଧାନ କରାଯାଉଛି। ୧୩୩ ସିଆର୍‌ପିସି ଧାରା ଲଗାଇବା ପରେ ଆଉ ନୋଟିସ୍ କରିବାର କୌଣସି ଆବଶ୍ୟକତା ନାହିଁ। ଆଗାମୀ ଦିନରେ ଅଳସୁଆ ହାଟର ଉନ୍ନତୀକରଣ କରାଯିବ। ବ୍ୟବସାୟୀଙ୍କ ସୁବିଧା ପାଇଁ ଅଧିକ ପିଣ୍ଡି, ଭେଣ୍ଡିଂ ଜୋନ୍ ନିର୍ମାଣ ହେବ। ମୃତ ବ୍ୟବସାୟୀଙ୍କ ପରିବାର ସଦସ୍ୟ ଚାହିଁଲେ ସେମାନଙ୍କୁ ଭେଣ୍ଡିଂ ଜୋନ୍ ଘର ଦିଆଯିବ। କଟକରେ ଚିକିତ୍ସିତ ହେଉଥିବା ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଦୃଷ୍ଟି ରଖାଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି।

■ଜେଇଙ୍କୁ ଦୁର୍ବ୍ୟବହାର ମାମଲା

# ବିଧାୟକଙ୍କ ଗିରଫ ଦାବି



ଡିପ୍ଲୋମା ଇଞ୍ଜିନିୟର ସେବା ସଂଘର ସଦସ୍ୟମାନେ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେଇ ଫେରୁଛନ୍ତି।

**ଢେଙ୍କାନାଳ ଅଫିସ, ୧୧।୬**

କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବରଙ୍କୁ ବଲାଙ୍ଗୀର ଜିଲା ପାଟଣାଗଡ଼ ବିଧାୟକ ସରୋଜ ମେହେରଙ୍କ ଦୁର୍ବ୍ୟବହାର ଏବଂ ସର୍ବସମ୍ମୁଖରେ ବସ୍‌ଉଠ କରାଇବା ଘଟଣାକୁ ଦୃଢ଼ ନିନ୍ଦା କରିଛି ଢେଙ୍କାନାଳ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବାସଂଘ। ଆଇନ ହାତକୁ ନେଇଥିବା ବିଧାୟକଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଛି। ଏ ନେଇ ସଂଘର ସଦସ୍ୟମାନେ ମଙ୍ଗଳବାର ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ବିଳମ୍ବ ହେଲେ ବିକଳ୍ପ ପନ୍ଥା ଗ୍ରହଣ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ଅତିରିକ୍ତ ମଣ୍ଡଳ ସମ୍ପାଦକ ସୁଦର୍ଶନ ଜେନା, ଜିଲା କମିଟି ଉପଦେଷ୍ଟା ରବି ନାରାୟଣ ସାମନ୍ତରାୟ, ସଭାପତି ଅନାମ ଚରଣ ସାହୁ, ଉପସଭାପତି ବୀରେନ୍ଦ୍ର ବେହେରା, ସମ୍ପାଦକ ରବୀନ୍ଦ୍ରନାଥ ସେଠୀ, ଅର୍ଥ ସମ୍ପାଦକ ଧୀରେନ୍ଦ୍ର ସାହୁ, ସଦସ୍ୟ ଦିଗମ୍ବର ସାହୁ, ଦୀପ୍ତିଭୂଷଣ ଭଞ୍ଜ, କାମାକ୍ଷାନଗର ଡିଭିଜନ କମିଟି ସଭାପତି ଇଂ. ନିରୋଜ କିଶୋର ବେହେରା, ଉପସଭାପତି ପ୍ରମୋଦ ସ୍ୱାଇଁ, ସମ୍ପାଦକ ମନୋଜ ଦାସ, ଅର୍ଥ ସମ୍ପାଦକ କମଳ ଲୋଚନ ତରାଇ, ସଙ୍ଗଠନ ସମ୍ପାଦକ ଶରତ ଚନ୍ଦ୍ର ମଲ୍ଲିକ, ସଦସ୍ୟ ସୁଶୀଲ ମୁର୍ମୁ, ଗିରୀଶ ବିହାରୀ ଦାସ, ଭାଗ୍ୟବନ୍ତ ଶବର, ନୀଳମଣି ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

**୩ ଏନ୍‌ଏସିକୁ ପୌର ପରିଷଦ ଘୋଷଣା ମାମଲା**

### ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ

**କଟକ ଅଫିସ, ୧୧।୬**

ଗଞ୍ଜାମ ଜିଲାର ୩ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)କୁ ପୌର ପରିଷଦ ଘୋଷଣା ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାରେ ରାଜ୍ୟ ସରକାରଙ୍କୁ ନୋଟିସ ଜାରି ହୋଇଛି। ଏହି ଏନ୍‌ଏସିଗୁଡ଼ିକ ହେଉଛି ଆସ୍କା, ଭଞ୍ଜନଗର ଏବଂ ଛତ୍ରପୁର। ଭାରତୀୟ ବିକାଶ ପରିଷଦ ପକ୍ଷରୁ ଏହି ଏନ୍‌ଏସିଗୁଡ଼ିକୁ ପୌର ପରିଷଦ କରିବା ନେଇ ମାମଲା ରୁଜୁ କରାଯାଇଥିଲା। ମଙ୍ଗଳବାର ଆଗତ ମାମଲାର ଶୁଣାଣି କରି ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସଞ୍ଜୁ ପଣ୍ଡା ଏବଂ ବିଚାରପତି ଜଷ୍ଟିସ୍ ପ୍ରମଥ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୬ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

■ନୋ-ଏଣ୍ଟ୍ରିରେ ପଶି ଦୁର୍ଘଟଣା ଘଟାଇଲା ଟ୍ରକ୍

# ପିକ୍‌ଅପ୍ ଚାଳକ ଗୁରୁତର

**ପରଜଙ୍ଗ, ୧୧।୬(ଡି.ଏନ.ଏ.)**



ପରଜଙ୍ଗ ଥାନା ଅଧୀନ ୫୩ନଂ. ଜାତୀୟ ରାଜପଥର ନୋ-ଏଣ୍ଟ୍ରି ଜୋନ୍‌କୁ ପ୍ରବେଶ କରିଥିବା ଏକ ଦଶ ଚକିଆ ଟ୍ରକ୍ (ଓଆର ୧୯ କେ ୦୭୯୯) ଧକ୍କାରେ ଆଇସ୍‌କ୍ରିମ ବୋଝେଇ ପିକ୍‌ଅପ୍ ଭ୍ୟାନ୍ (ଓଡି ୦୫ ଏମ୍ ୫୩୫୭) ଓଲଟି ପଡ଼ିଛି। ଟ୍ରକ୍‌ଟି ପିକ୍‌ଅପ୍‌କୁ କିଛି ବାଟ ଘୋଷାଡ଼ି ନେଇଥିଲା। ଏଥିରେ ଚୌଦ୍ୱାର ଅଞ୍ଚଳର ଡ୍ରାଇଭର ସୁଶାନ୍ତ ମୁଦୁଲି ଗାଡ଼ି ଭିତରେ ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି। ଏସ୍‌ଆଇ ଜନ୍ମେଜୟ ପାତ୍ର ଉଭୟ ଗାଡ଼ି ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ୫୩ନଂ. ଜାତୀୟ ରାଜପଥରେ ଭାରିଯାନ ଚଳାଚଳ ଉପରେ କଟକଣା ଜାରି କରାଯାଇଛି। ଦୁର୍ଘଟଣା ରୋକିବାକୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପିତିରି ଛକରୁ ନୋ-ଏଣ୍ଟ୍ରି ଲାଗୁ ହୋଇଛି। ସେଠାରେ ହୋମଗାର୍ଡ ମଧ୍ୟ ମୁତୟନ ହୋଇଛନ୍ତି। ହେଲେ ସେମାନେ ହାତଗୁଞ୍ଜା ନେଇ ଭାରିଯାନଗୁଡ଼ିକୁ ଛାଡ଼ିଦେଉଛନ୍ତି। ପୂର୍ବରୁ ଏପରି ଅନେକ ଦୁର୍ଘଟଣା ଘଟି ଧନଜୀବନ ହାନି ହୋଇଥିବା ନଜିର ରହିଛି। ଉଚ୍ଚପଦାଧିକାରୀ ଏ ଦିଗରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଅନିୟମିତତା ବଢ଼ିଚାଲିଛି। ବଡ଼ଝରା କେନାଲ ନିକଟରେ ମଙ୍ଗଳବାର ଏହି କାରଣରୁ ଦୁର୍ଘଟଣା ଘଟିଛି। ଏଥିପ୍ରତି ଜିଲାପାଳ, ଏସ୍‌ପି ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।

# ବଡ଼ଭାଇର ଟାଙ୍ଗିଆ ଚୋଟରେ ସାନ ଭାଇର ମୁଣ୍ଡଗଣ୍ଡି ଅଲଗା

■ କଟା ମୁଣ୍ଡ ଧରି ଥାନାରେ ଅଭିଯୁକ୍ତଙ୍କ ଆତ୍ମ ସମର୍ପଣ

**ସମ୍ବଲପୁର,୧୧।୬(ବ୍ୟୁରୋ)**

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ତିଲେଇମାଲ ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି । ସମ୍ପର୍କୀୟ ବଡ଼ ଭାଇଙ୍କ ଟାଙ୍ଗିଆ ଚୋଟରେ ସାନ ଭାଇ ସତ୍ୟନାରାୟଣ ମୁଣ୍ଡା (୩୮)ଙ୍କ ମୁଣ୍ଡ ଓ ଗଣ୍ଡି ଅଲଗା ହୋଇଯାଇଛି। କଟା ମୁଣ୍ଡକୁ ଧରି ବଡ ଭାଇ ଉଜ୍ଜଳ ମୁଣ୍ଡା (୫୫) ଅଇଁଠାପାଲି ଥାନାରେ ଆତ୍ମସମର୍ପଣ କରିଛନ୍ତି । ପୋଲିସ ମୃତଦେହ ଓ କଟା ମୁଣ୍ଡ ଉଦ୍ଧାର କରିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବୁର୍ଲା ପଠା ଯାଇଛି। ଏହି ଘଟଣା ପ୍ରଚାର ହେବା ପରେ ସମ୍ପୃକ୍ତ ଅଞ୍ଚଳରେ ଆତଙ୍କ ଖେଳି ଯାଇଛି। ଖବର ପାଇ ସମ୍ବଲପୁର ଏସ୍‌ପି ସଞ୍ଜୀବ ଅରୋରା, ସାଇଣ୍ଟିଫିକ୍ ଟିମ ଓ ଡଗ୍ ସ୍କ୍ୱାଡ ପହଞ୍ଚି ତଦନ୍ତ କରିଥିଲେ । ୫ ଘଣ୍ଟା ପରେ ମଧ୍ୟ ପୋଲିସ ହତ୍ୟାକାଣ୍ଡର କୌଣସି ସୁରାକ ପାଇ ନ ଥିଲା। ମଙ୍ଗଳବାର ଅପରାହ୍ନ ସାଢ଼େ ୧୧ଟାରେ ଅଭିଯୁକ୍ତ ଉଜ୍ଜଳ ଅଇଁଠାପାଲି ଥାନା ସମ୍ମୁଖ ଗେଟ୍ ନିକଟରେ କଟା ମୁଣ୍ଡକୁ ଏକ ବ୍ୟାଗରେ ଭର୍ତ୍ତି କରି ବସିଥିଲେ। ଏହି ସମୟରେ ଜଣେ ପୋଲିସ କର୍ମଚାରୀ ଆସି ତାଙ୍କୁ ପଚାରିବାରୁ ବ୍ୟାଗ ଭିତରେ କଟା ମୁଣ୍ଡ



ଅଭିଯୁକ୍ତ ଉଜ୍ଜଳ ମୁଣ୍ଡା।

ଥିବା ସେ ଦେଖାଇ ଥିଲେ । ଏହାପରେ ପୋଲିସ କର୍ମଚାରୀ ଜଣକ ତାଙ୍କୁ ଥାନା ଭିତରକୁ ନେଇ ପଚରାଉଚରା କରିଥିଲା। ଏ ନେଇ ପୋଲିସ ଆଇପିସିର ଦଫା ୩୦୨, ୨୦୧ ଅନୁସାରେ ଏକ ହତ୍ୟା ମାମଲା (ନଂ. ୨୪୦/୧୯) ରୁଜୁ କରିଛି। ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି । ହେଲେ ଏହାର ଅନ୍ୟ ଦିଗ ଉପରେ ମଧ୍ୟ ତଦନ୍ତ କରାଯାଉଛି ବୋଲି ସମ୍ବଲପୁର ଏସ୍‌ପି ଅରୋରା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ସତ୍ୟନାରାୟଣ ଓ ଉଜ୍ଜଳଙ୍କ ଘର ପାଖାପାଖି ରହିଛି। କିଛି ଦିନ ପୂର୍ବରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଏହି ବିବାଦ ଗ୍ରାମରେ ଆପୋସ ବୁଝାମଣାରେ ସମାଧାନ କରାଯାଇଥିଲା । କିନ୍ତୁ ଉଜ୍ଜଳଙ୍କ କ୍ରୋଧ କମି ନ ଥିଲା । ସେ ସତ୍ୟନାରାୟଣଙ୍କୁ ମାରି ଦେବାକୁ ସୁଯୋଗ ଖୋଜୁଥିଲେ। ସୋମବାର ବିଳମ୍ବିତ ରାତିରେ ଘର ବାହାରେ ସତ୍ୟନାରାୟଣ ମଶାରି ଭିତରେ ଏକୁଟିଆ ଶୋଇଥିଲେ। ଏହାର ସୁଯୋଗ ନେଇ ଭୋର ୪ଟାରେ ଉଜ୍ଜଳ ଏକ ଟାଙ୍ଗିଆରେ ସତ୍ୟନାରାୟଣଙ୍କ ବେକକୁ ଚୋଟ ପକାଇ ଥିଲେ। ଫଳରେ ମୁଣ୍ଡ ଓ ଗଣ୍ଡି ଅଲଗା ହୋଇଯାଇଥିଲା । କଟା ମୁଣ୍ଡକୁ ଏକ ବ୍ୟାଗରେ ଭର୍ତ୍ତି କରି ସେ ଘରୁ ଫେରାର ହୋଇଯାଇଥିଲେ। ସକାଳେ ସତ୍ୟନାରାୟଣଙ୍କ ପରିବାର ଲୋକେ ଉଠି ଦେଖିଲା ବେଳକୁ ମଶାରି ଭିତରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ପଡି ଥିଲା । ପରିବାର ଲୋକଙ୍କ ଚିତ୍କାର ଶୁଣି ପଡୋଶୀ ଲୋକେ ଧାଇଁ ଆସିଥିଲେ। ଏହାପରେ ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପ୍ରକାଶଯୋଗ୍ୟ, ୨୦୦୬ରେ ମଧ୍ୟ ସମ୍ବଲପୁର ଜିଲାରେ ଏଭଳି ଏକ ହତ୍ୟାକାଣ୍ଡ ଘଟିଥିଲା। ସେତେବେଳେ ଉକ୍ତ ଘଟଣା ସାରା ରାଜ୍ୟରେ ଚର୍ଚ୍ଚାକୁ ଆସିଥିଲା । ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ହତ୍ୟା କରିଥିଲେ। ପରେ ସେ କଟା ମୁଣ୍ଡକୁ ଧରି ଟାଉନ ଥାନାକୁ ଚାଲି ଚାଲି ପହଞ୍ଚିଥିଲେ।

### ଯୁବକଙ୍କୁ ଗଳା କାଟି ହତ୍ୟା

**ପାଲଲହଡ଼ା, ୧୧।୬(ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡାରେ ଜଣେ ଯୁବକଙ୍କୁ ଗଳା କାଟି ହତ୍ୟା କରାଯାଇଥିବା ଜଣାପଡିଛି। ମୃତକ ହେଲେ ହେଲେ ପାଲଲହଡ଼ାର ପ୍ରଶ୍ନ ନାୟକ। ଦୁର୍ବୃତ୍ତମାନେ ପ୍ରଶ୍ନଙ୍କୁ ରଥସାହିର ରାସ୍ତା ମଝିରେ ଗଳା କାଟି ହତ୍ୟା କରିବା ପରେ ସେଠାରେ ଫୋପାଡି ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତ ଓ ହତ୍ୟାକାଣ୍ଡର କାରଣ ବିଷୟରେ ଜଣାପଡିନାହିଁ। ଘଟଣାସ୍ଥଳରେ ପାଲଲହଡ଼ା ପୋଲିସ ପହଞ୍ଚି ତନାଘନା ଚଳାଇଛି।

### ପୁଅ ଟାଙ୍ଗିଆ ଚୋଟରେ ବାପା ଗୁରୁତର

**ଛେଣ୍ଡିପଦା,୧୧।୬ (ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କରଡାବାହାଳି ଦଳିତ ସାହିରେ ମଙ୍ଗଳବାର କ୍ରିଷ୍ଣା ନାଏକଙ୍କ ଟାଙ୍ଗିଆ ଚୋଟରେ ବାପା ଦୂତିଆ ନାଏକ ଗୁରୁତର ହୋଇଛନ୍ତି। କ୍ରିଷ୍ଣା ରାତିରେ ମଦ୍ୟପାନ କରି ଘରକୁ ଫେରିଥିଲେ। ଦୂତିଆ ଗାଳି କରିବାରୁ ଉତ୍ତ୍ୟକ୍ତ କ୍ରିଷ୍ଣା ଏକ ଟାଙ୍ଗିଆରେ ତାଙ୍କୁ ଆକ୍ରମଣ କରିଥିଲେ। ଚେତାଶୂନ୍ୟ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଏ ନେଇ ଥାନାରେ ଅଭିଯୋଗରେ ପରେ ପୋଲିସ ତଦନ୍ତ ଚଳାଇଛି।

# 'ଆନ୍ତରିକତା ସହ କାର୍ଯ୍ୟ କର'




ଦକ୍ଷତାବୃଦ୍ଧି କର୍ମଶାଳାରେ ଅଂଶଗ୍ରହଣ କରିଥିବା ଶିକ୍ଷୟିତ୍ରୀଶିକ୍ଷକ।

**ଦକ୍ଷତା ବୃଦ୍ଧି କର୍ମଶାଳା**

**ଢେଙ୍କାନାଳ ଅଫିସ, ୧୧।୬**

ଢେଙ୍କାନାଳ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ସୋମବାର ସଦର ବ୍ଲକ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଇଓ ନିତ୍ୟାନନ୍ଦ ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷାଧିକାରୀ ସୁଧାନନ୍ଦ ପରିଡ଼ା କହିଲେ, ଶିକ୍ଷୟିତ୍ରୀଶିକ୍ଷକଙ୍କ ନିରବଚ୍ଛିନ୍ନ ଉଦ୍ୟମ ଯୋଗୁ ଇ-ସାଥି କାର୍ଯ୍ୟକ୍ରମରେ ଜିଲା ସାରା ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରିଛି। ନିଷ୍ଠାପର ଏବଂ ଆନ୍ତରିକତାର ସହ କାର୍ଯ୍ୟ କଲେ ଶିକ୍ଷାକ୍ଷେତ୍ରରେ ଜିଲା ଆହୁରି ଆଗକୁ ବଢ଼ିବ। ସମ୍ମାନିତ ଅତିଥି ଭାବେ ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧ୍ୟକ୍ଷା ଡ. ସୁସନ୍ଧ୍ୟା ମହାନ୍ତି କହିଲେ, ସମସ୍ତ ତଥ୍ୟ ଜ୍ଞାନ ନୁହେଁ। ଦୈନନ୍ଦିନ ଜୀବନରେ ଉପଯୋଗୀ ହୋଇପାରୁଥିବା ତଥ୍ୟ, ସୂଚନା ହିଁ ଜ୍ଞାନ ପଦବାଚ୍ୟ। ପ୍ରତିଷ୍ଠାନର ଅଧ୍ୟକ୍ଷ ସଚ୍ଚିଦାନନ୍ଦ ମିଶ୍ର ମଞ୍ଚାସୀନ ଥିଲେ।

ସମଗ୍ର ଶିକ୍ଷା ଅଭିଯାନର ଶିକ୍ଷାଶାସ୍ତ୍ର ସଂଯୋଜିକା ଶୁଭଲକ୍ଷ୍ମୀ ସାହୁ, ଶିକ୍ଷକ ପ୍ରଶାନ୍ତ ପଣ୍ଡା 'ଉଜ୍ଜ୍ୱଳ' ଏବଂ 'ଉତ୍‌ଥାନ' କାର୍ଯ୍ୟକ୍ରମର ଉପଯୋଗିତା, ସମସ୍ୟା ଏବଂ ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ଏମ୍‌ଆଇଏସ୍ ପ୍ରୋଗ୍ରାମର ପ୍ରଜ୍ଞାପାରମିତା ଦାସ, ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ କୃଷ୍ଣଚନ୍ଦ୍ର ବେହେରା, ତଫସିଲଭୁକ୍ତ ଜାତି ଓ ଜନଜାତି ସଂଯୋଜକ ଶୁଭାଶିଷ ସାହୁ, ଅର୍ଥ ପରାମର୍ଶଦାତା ସନ୍ତୋଷ ମହାରଣା, ଏବିଇଓ ମଧୁସୂଦନ ଷେଣ୍ଡ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ଆକାଂକ୍ଷା ଜିଲାର ବିଭିନ୍ନ ସୂଚକ, ଏସ୍‌ଡିଏମ୍‌ଆଇଏସ୍, ଟିଚର୍ସ ଟ୍ରାନ୍ସପୋର୍ଟ ପୋର୍ଟାଲ, ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ଥିବା ସୁବିଧାସୁଯୋଗ, ପାଠ୍ୟପୁସ୍ତକ ବିତରଣ, ସୃଜନ କାର୍ଯ୍ୟକ୍ରମ କ୍ୟାଲେଣ୍ଡର, ସରକାରୀ ଅନୁଦାନ ଏବଂ ମଧ୍ୟାହ୍ନଭୋଜନ ସୁପରିଚାଳନା, ବୃତ୍ତି ପରୀକ୍ଷା ବିଧି ବ୍ୟବସ୍ଥା, 'ଖୁସି' ଯୋଜନା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା।

କର୍ମଶାଳାରେ ସଦର ବ୍ଲକ ଅଧୀନ ୬ କ୍ଲଷ୍ଟରର ୨୫୦ ଶିକ୍ଷୟିତ୍ରୀଶିକ୍ଷକ ଅଂଶଗ୍ରହଣ କରିଥିଲେ। ଏବିଇଓ ଅଦ୍ୱୈତ କୁମାର ସାମଲ, ଭଗବାନ ବେହେରା, ଶିକ୍ଷକ ଅସିତ ମିଶ୍ର, ସୁଶାନ୍ତ ପାଢ଼ୀ, ରାଜେନ୍ଦ୍ର ନାଏକ, ସୁଲଗ୍ନା ମହାପାତ୍ର, ସିଆର୍‌ସିସି ସଚ୍ଚିଦାନନ୍ଦ ସାହୁ, ବିଷ୍ଣୁ କୁମାର ମଲ୍ଲିକ, ସୁବାସିନୀ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

